ରାଜକୁମାରଙ୍କ ବିଦ୍ୟାଶିକ୍ଷା ପ୍ରସଙ୍ଗେ ଦ୍ରୋଣଙ୍କ ଜନ୍ମ ଉପାଖ୍ୟାନ
ବଦୟନ୍ତି ଅଗସ୍ତି ଶୁଣ ହୋ ଯୁଗପତି
ପଞ୍ଚପୁତ୍ର ପାଳି ରହିଲେ ଦେବୀ କୋନ୍ତୀ । ୧ ।
କାଶୀପତିବୋଲି କର ୟେକଇ ଦ୍ୱିଜବର
ପାଠ ଗୁରୁ ହୋଇଲେ ସେ ସବୁ ଭାଇଙ୍କର । ୨ ।
ଧୃତରାଷ୍ଟ ବୋଇଲେ ଭୀଷ୍ମଙ୍କର ପାଶେ
ସମସ୍ତ ପୁତ୍ରମାନଙ୍କୁ ବିଦ୍ୟା ଶିଖାଅ ଆଦେଶେ । ୩ ।
ଭାଗ୍ୟବର ବିଦ୍ୟାଗୁରୁ ହୋଇଲେ ତୁମ୍ଭଙ୍କୁ
ସେ ବିଦ୍ୟା ପ୍ରସନ୍ନେ ଯେ ଶିଖାଅ ପୁଅଙ୍କୁ । ୪ ।
ଇନ୍ଦ୍ରପ୍ରଶସ୍ତ କତିରେ ହିରଣ୍ୟକ ବନ
ତହିଂ ନେଇ ଆଖଡା କଲେ ଗୋପ୍ୟ ଥାନ । ୫ ।
ଭୀଷ୍ମେ ବିଦ୍ୟାଗୁରୁ ହୋଇଲେ ଆଖଡାର
ବିଦ୍ୟା ଆରମ୍ଭ ଯେ କଲେ କ୍ଷତ୍ରି ବର । ୬ ।
ସକାଳ ମଧ୍ୟାହ୍ନ ଦୁଇବେଳ ଆଖଡା
ଦ୍ୱିପ୍ରହରେ ସର୍ବ ପାଠ ପଢନ୍ତି ସର୍ବ ବୀରା । ୭ ।
ବଇବସୁତ ମନୁ ଯେ ପଚାରିଲେ ବ୍ରହ୍ମଚାରୀ
ଭୀଷ୍ମେ ବିଦ୍ୟାଗୁରୁ ହୋଇଲେ ଦଣ୍ଡଧାରୀ । ୮ ।
ଦ୍ରୋଣେ ବିଦ୍ୟାଗୁରୁ ହୋଇଲେ କେମନ୍ତେ
କାହିଂ ଯାଇ ମିଳିଲେ ସେ ଭାରଦ୍ୱାଦଶଙ୍କ ସୁତେ । ୯ ।
ଭାରଦ୍ୱାଦଶଙ୍କ ନନ୍ଦନ ଅଟନ୍ତି ଗୁରୁ ଦ୍ରୋଣେ
କ୍ଷତ୍ରୀ ବିଦ୍ୟା ସେ କାହିଂ ପାଇଲେ କି କାରଣେ । ୧୦ ।
ୟେଥର ଚରିତ ମୋରେ କହିବା ତପନିଷ୍ଠି
ଶୁଣିଣ ଭ୍ରାନ୍ତି ମନରୁ ଯାଉ ମୋର ଫିଟି । ୧୧ ।
ବଦୟନ୍ତି ଅଗସ୍ତି ଶୁଣ ବଇବସୁତ ମନୁ
କଶ୍ୟପ ଗୋତ୍ରୀ ଯେ ଅଟନ୍ତି ଶତମନୁ । ୧୨ ।
ଶତମନୁର ପୁତ୍ର ତାରଣ ମହରଷି
ଅଜମୀଢ ବୋଲି କରି ୟେହାଙ୍କର ଶିଷି । ୧୩ ।

ଅଜମୀଢ ନନ୍ଦନ ଅଟଇ କୃତକେଶୀ
ବ୍ରହ୍ମରାକ୍ଷସ ହୋଇ ସେ ଅନେକ ଜୀବ ନାଶି । ୧୪ ।
କୃଷ୍ଣ ଅବତାରେ ତାକୁ ମାଇଲେ ଦେବ ହରି
ୟେହାର ନନ୍ଦନ ଯେ ଅଟଇ ସଉଭରି । ୧୫ ।
ସଉଭରିର ନନ୍ଦନ ନାରାୟଣ ମହରଷି
ସ୍ୱୟେଂଶ ତପୋବନ୍ତ ପୁରୁଷ ତପସ୍ୱୀ । ୧୬ ।
ନାରାୟଣର ନନ୍ଦନ ମଦନ ତପୋବନ୍ତା
ୟେହାର ନନ୍ଦନ ନାମ ହେଲା ବ୍ରହ୍ମବେତ୍ତା । ୧୭ ।
ବ୍ରହ୍ମବେତ୍ତାର ନନ୍ଦନ ଶରଦ ମହରଷି
ଭାନୁବନ୍ତବୋଲି କରି ଏହାଙ୍କର ଶିଷି । ୧୮ ।
ଭାନୁବନ୍ତର ନନ୍ଦନ ସୁଦେବ ବ୍ରାହ୍ମଣ
ତାହାଙ୍କର ନନ୍ଦନ ମାରକଣ୍ଡ ଦେବ ଜାଣ । ୧୯ ।
ମାରକଣ୍ଡର ନନ୍ଦନ ତୀରଣ ତେଜ ମୁନି
ତାହାର ନନ୍ଦନ ଅଟଇ ଶାନ୍ତିପନୀ । ୨୦ ।
ୟେହାଙ୍କର ନନ୍ଦନ ଅରୁଣ ମହରଷି
ଜଳଦ ବୋଲିଣ ୟେହାଙ୍କର ଶିଷି । ୨୧ ।
ଜଳଦର ନନ୍ଦନ ଦ୍ୱାଦଶ ବିଶ୍ୱଦେବା

ଯେ ସେ ମୃଗପାଳ ଖଟନ୍ତି ମଘବା । ୨୨ ।
ଦ୍ୱାଦଶ ବିଶ୍ୱଦେବାୟେ ସଂଘରଣ କଲେ ରତି
ବିଭା ହୋଇଣ ସେ ଉପେକ୍ଷିଲେ ଯୁବତୀ । ୨୩ ।
ପୁରୁଷ ନପୁଂସକ ସେ ହୋଇଲେ ମହାଯତି
ନିରାଶି ଭାଙ୍ଗିଲେ ସେ ଅନଙ୍ଗ ଦର୍ପ ମୂର୍ତ୍ତି । ୨୪ ।
ବ୍ୟାସେ କହିଲେ ସେ ଅପୁତ୍ରିକ ହୋଇଲେ
ଯମ ଶାସ୍ତି ଦିଅଇ ସଂଜୀବନୀ ପୁର ଗଲେ । ୨୫ ।
------
୧୪ ।୧  ଅନନ୍ତ ନନ୍ଦନ ଅଟଇ କୃତକେଶୀ ।
୨୦ ।୧  ତୀରଣ ତେଜ-ତୀର୍ଣ୍ଣତେଜ
୨୦ ।୨  ଶାନ୍ତିପନୀ-ସାନ୍ଦୀପନୀ
୨୩ ।୧  ସଂଘରଣ-ସଂହରଣ-ତ୍ୟାଗ

ଅନେକ ପାତକ ଯେବେ ମଧ୍ୟ ପୁରେ କରି ଥିବ
ସନ୍ତାନ ଥିଲେ ୟେହାନ୍ତ ଦଣ୍ଡି ନ ପାରଇ ଯମଦେବ । ୨୬ ।
ଧର୍ମଲୋକ ବିଚାରି ବୋଲନ୍ତି ୟେହାନ୍ତ ନ ଦିଅ ଶାସ୍ତି
ମଞ୍ଚେ ସନ୍ତାନ ଅଛି ୟେହାକୁ କରିବେ ସଦଗତି । ୨୭ ।
ପୁତ୍ର ଯେବେ ୟେହାଙ୍କର ନ କରିବ ଧର୍ମ ବାଟ
ତେତେ ବେଳେ ପଛେ ୟେହାର ମାଂସ କାଟ । ୨୮ ।
ଅପୁତ୍ରିକ ହୋଇ ଯେ ମରନ୍ତି ଯେବଣ ପ୍ରାଣୀ
ଧାତିକାରେ ନାଶକର ତାକୁ ଶାସ୍ତି ଦିଅଇ ଆଣି । ୨୯ ।
ସନ୍ତାନ ଯାହାର ଗୋଟିୟେ ଥାଇ ପିତାର ମରନ୍ତେ
ପିତାକୁ ଯମ ଶାସ୍ତି ଦେଇ ନ ପାରଇ ସେ ପୁତ୍ର ମରିବା ପରିଯନ୍ତେ । ୩୦ ।
ବିଶ୍ୱଦେବାୟେ ଶୁଣିଲେ ବ୍ୟାସଙ୍କର ପୁରାଣେ
ପୁତ୍ର ଜାତ କରିବାକୁ ଇଛନ୍ତି ପୁଣ ମନେ । ୩୧ ।
କାମସେଣା ନାମେଣ ୟେକଇ ଅପଷରୀ
ବାସବ ଦେବତାର ସଙ୍ଗେ ସେ କ୍ରୀଡା ରଙ୍ଗ କରି । ୩୨ ।
କାମ କୁତୁହୋଳେ ସେ ପ୍ରେମରସ ଭରେ
ଇନ୍ଦ୍ର ଦେବତାଙ୍କୁ ସେ ନିନ୍ଦା କଲାକ ଶୃଙ୍ଗାରେ । ୩୩ ।
ବୋଇଲା ଇନ୍ଦ୍ର ତୁ ହୋ ମୋତେ ରମଣେ ନୋହୁ ସରି
ଅଭୟେ କାମେନୀ ସେଇନ୍ଦ୍ରକୁ ତଳେ ପାଡି । ୩୪ ।
କରଇ ରମଣ ସେ ଇନ୍ଦ୍ର ବାସବର ଉପରେଣ ଉଠି
ଇନ୍ଦ୍ର ଦେବତା ତାହାକୁ ବିକୋଡିଲା ତଦ୍ୟାପି ନ ପାରିଲା ଉଠି ଫୁଟି । ୩୫ ।
କାମ ଖଳିତ ଯହୁଂ ହୋଇଲାକ ବାଳୀ
ଅଚେତ ହୋଇ ପଲଙ୍କ ତଳେ ପଡିଲା ସେ ଢଳି । ୩୬ ।
ଇନ୍ଦ୍ର ଦେବତାଙ୍କ ଶରୀରେ ବିଦାରଣ ନଖ, ଦନ୍ତ, ଘାୟେ
ଶରୀର ଯାକ ବିକୋଡିଲା କଣ୍ଟିଲତା ପ୍ରାୟେ । ୩୭ ।
କାମ କାଳେ ତାହାର ଗୋଚର ନ ଗଲା
ଶୃଙ୍ଗାର ନିଗ୍ରହେ ଇନ୍ଦ୍ର ଦେବତାର କୋପ ଯେ ବଢିଲା । ୩୮ ।
ମୁହିଂ ରତି ଶାହାସ୍ରେଣ ନିର୍ଜିତା ବେଶ୍ୟାନ୍ତ ବିକୋଡି
କୋଟିୟେ ବିଳାସୁଣୀ ମୁଂ ରମଣ କରଇ ନିତି । ୩୯ ।

ତୋତେ ହାରିଲି ମୁଂ ଶୃଙ୍ଗାର ରତିକାଳେ
ପୁରୁଷ କୁଳକୁ ଦୁଷିଲୁ ତୁ ଅମର ମଣ୍ଡଳେ । ୪୦ ।
ମୋହୋରେ ତ୍ରିପୁତି ତୁ ନୋହିଲୁ ଶୃଙ୍ଗାରେ

ବାତୁଳୀ ହୋଇ ତୁ ଲୋ ବୁଲ ମଧ୍ୟପୁରେ । ୪୧ ।
ଅଭାବେ ଭ୍ରମ ତୁ ଲୋ ଲାଜ କର ଉପେକ୍ଷା
ଥନ ଜାନୁ ଭବମାର୍ଗ ତୋର ମଞ୍ଚପୁରେ ଦେଖା । ୪୨ ।
ମଞ୍ଚେଣ ବୁଲୁଥିବୁ ତୁ ଉଲଗ୍ନସାହୀ ହୋଇ
ସମସ୍ତେ ଶୃଙ୍ଗାର ତୋତେ କରନ୍ତୁ ଥନ ଜାନୁ ଚାହିଁ । ୪୩ ।
ମୋହୋରେ ତ୍ରିପୁତି ଯେ ନୋହିଲୁ ରତିକାଳେ
ଲକ୍ଷେ ଇନ୍ଦ୍ରି ଭୋଗ କର ତୁ ଲୋ ମଞ୍ଚମଣ୍ଡଳେ । ୪୪ । ସଂଖ୍ୟା
କାର୍ପୁଣ୍ୟ ହୋଇ ବାଳୀ କହଇ ଉତ୍ତର
ଭୋ ବାସବ ଦେବତା ମୋତେ କର ପ୍ରତିକାର । ୪୫ ।
ସ୍ତିରୀ ହୋଇଣ ମୁଂ ହୋଇଲି ମହାଗର୍ବୀ
ପ୍ରକୃତି ଜାଣି ନୁଆରିଲି ମୁହିଂ ସେବି । ୪୬ ।
ମୁହିଂ ଅମର ଅଷ୍ଟ ନାୟେକାରେ ଅଟଇ ୟେକ
କେତେ କାଳରେ ଖଣ୍ଡିବି ମୋହୋର ପାତେକ । ୪୭ ।
ଭାବିନୀ ଭାବେ ପୁଣି ଦୟା କଲେ ଇନ୍ଦ୍ର
ତ୍ରେତୟା ଯୁଗେ ତୁ ଅନେକ କରାଇବୁ ମନ୍ଦ । ୪୮ ।
ତ୍ରେତୟା ଯୁଗ ତେରଲକ୍ଷ ପଞ୍ଚାଳିଶ ସହସ୍ର ବରଷ ପରିଯନ୍ତେ
ବିଶ୍ୱେ ଦେବତାୟେ ତୋତେ ରମନ୍ତୁ ତ୍ରେତୟା ଯୁଗ ଅନ୍ତେ । ୪୯ । ସଂଖ୍ୟା
ତାହାଙ୍କର ବୀର୍ଯ୍ୟେ ଉପୁଜିବ ୟେକ ପୁତ୍ର
ସେ ପୁତ୍ର ଦର୍ଶନ ମାତ୍ରେ ତୋତେ ସ୍ୱର୍ଗ ହୋଉ ପରାପତ । ୫୦ ।
ୟେସନେକ ଶାପ ଯହୁଂ ଦିଲେ ପୁରନ୍ଦର
ମଞ୍ଚେ ଆସି ବାତୁଳୀ ହୋଇଣ ସେ ବୁଲଇ ବନସ୍ତର । ୫୧ ।
ତ୍ରିଭୁବନ ମୋହିନୀ ସେ ଅପୂର୍ବ ଚଞ୍ଚଳା
ଥନ ଜାନୁ ଦେଖାଇ ସେ ବୁଲଇ ଲଙ୍ଗଳା । ୫୨ ।
ବିଶ୍ୱ ଦେବତାୟେ ତାକୁ ଦେଖନ୍ତି ନିତି ପ୍ରତି
ୟେହୁ ଦେଖଇ ତାକୁ ଇଛାୟେ କରଇ ରତି । ୫୩ ।

----------

୪୫ ।୧   କିଙ୍କର ହୋଇ ବାଳୀ କହଇ ଉତ୍ତର ।

କାମେନୀକୁ ଗାଢେ ଶାପ ଦିଲେ ସୁରସାଇଂ
ଶାପ ଚେରେଷ୍ଟା ଲାଗିଲା ହୋଇଲା ସେ କାମେ ବାଇ । ୫୪ ।
ତୁଳ ମାସ କୃଷ୍ଣପକ୍ଷ ଦ୍ୱିତୀୟାର ତିଥି
ଦ୍ୱିଜା ନକ୍ଷତ୍ର ଯେ ବାର ବୃହସ୍ପତି । ୫୫ । horoscope
କୌଳବ ନାମେ କରଣ ବ୍ୟତିପାତ ନାମେ ଯୋଗ
ତୁଳ ସଂକ୍ରାନ୍ତିକି ଚାରି ଦିବସ ଯାଇ ଭୋଗ । ୫୬ ।
ସେ ଦିନ ଭ୍ରମିଣ ଯାଉଛି ବାତୁଳୀ
ଉତ୍ରାଙ୍କୁର ତୀର୍ଥରେ ସେ ଶରୀର ପଖାଳି । ୫୭ ।
କଣୟ ଗିରି ଉପରେ ଅଛଇ ବାଳୀ ଶୋଇ
ଦ୍ୱାଦଶ ପୁରୁଷ ଯେ ମୋହ ଗଲେ ଚାହିଂ । ୫୮ । ସଂଖ୍ୟା
ବୋଇଲେ ଅଟଇ ୟେ ତ ଆକାଶର ଅପକ୍ଷରୀ
ଅତି ଗର୍ବେ ୟେହାକୁ ଶାପ ଦିଲେ ବଜ୍ରଧାରୀ । ୫୯ ।
ୟେହାର ତୁଲେ ହୋ ସଭିୟେ ରମଣ କର
ଅବିକ୍ଷଣେ ଧ୍ୟାୟେ କରି ଶୃଙ୍ଗାର । ୬୦ ।
ସମସ୍ତେ ଛାଡିବା ହୋ ୟେକ ଯୋଗ କରି ବୀର୍ଯ୍ୟ
ବିଚକ୍ଷଣ ହୋଇଣ ୟେଥୁଂ ଉପୁଜିବ ଆତ୍ମଜ । ୬୧ ।
ବନେ ପର୍ବତେ ତ ୟେକା ଅଛଇ ଯୁବତୀ

ବିଶ୍ୱଦେବାୟେ ତାହାକୁ ଶୃଙ୍ଗାର କଲେ ଧାତି । ୬୨ ।
ରତି ଭୋଗ କଲେ ସେ ଦ୍ୱାଦଶ ବିଶ୍ୱଦେବ
ସବୁହିଂ ବୀର୍ଯ୍ୟ ପ୍ରଦାନ କଲେ ଭବ । ୬୩ ।
ଦ୍ୱାଦଶ ବୀର୍ଯ୍ୟ ଯେକା ଗର୍ଭେଣ ରହିଲା
ଯେକଇ ପୁତ୍ର ସେ ମହାଭାରା ପାଇଲା । ୬୪ । ସଂଖ୍ୟା
କକାଡା ମାସ ଆବର ପୂର୍ଣ୍ଣିମାର ରାତ୍ର
ରବିବାର କୁମ୍ଭ ରାଶି ଶତଭିଷା ନକ୍ଷତ୍ର । ୬୫ । horoscope
ବିଷ୍ଟି ନାମେ କରଣ ଅତିଗଣ୍ଡ ଯୋଗ
କକଡା ସଂକରାନ୍ତିର ନବଦିନ ଭୋଗ । ୬୬ । horoscope
----------
୬୩ ଦ୍ୱାଦଶହିଂ ବୀର୍ଯ୍ୟ ଛାଡିଲେ ଅସମ୍ଭବ ।
ସବୁରି ବୀର୍ଯ୍ୟ ପ୍ରଦାନ କଲେ ଗର୍ଭ ।
୬୧ ବିତକ୍ଷଣ-ବିଚକ୍ଷଣ

ତିଥି ବାର ନକ୍ଷତ୍ର ଯେ ଚନ୍ଦ୍ର ଯୋଗବଳେ
ପୁତ୍ରେକ ଉପୁଜିଲା ଯେ ମହାନିଶା କାଳେ । ୬୭ । horoscope
କୁମର ମହାପ୍ରତାପୀ ମହାଭୀଷ୍ମ ରୂପୀ
ପେଟ ବିଦାରିଣ ପୁତ୍ର ଜନମ ହୋଇଲେ କ୍ଷେପି । ୬୮ ।
ଦ୍ୱାଦଶ ବଦନ ଦ୍ୱାଦଶ ତାର ଭୁଜ
ଆଦିତ୍ୟକୁ ଲାଗିଲା କୁମାରର ତେଜ । ୬୯ । ସଂଖ୍ୟା
ପୁତ୍ର ଜନ୍ମିଲା ଯେ ମାତା ନାଶ ଗଲା
ବିଶ୍ୱଦେବା ପୁରୁଷ ତାହା କୋଳେଣ ଧଇଲା । ୭୦ ।
ସ୍ୱରୂପ ଦେଖିଣ ତୋଷ ହୋଇଲେ ମହାଯତି
ଦ୍ୱାଦଶ ବଦନ ଯେ ସବୁଙ୍କରି ମୂର୍ତ୍ତି । ୭୧ । ସଂଖ୍ୟା
ମହାଭାରା ପାଇଣ ଯେ ମାତା ନାଶ ଗଲା
ଦ୍ୱାଦଶ ବିଶ୍ୱଦେବାଙ୍କ ବୀର୍ଯ୍ୟ ସଂହରି ହୋଇଲା । ୭୨ । ସଂଖ୍ୟା
ପୁତ୍ର କୋଳେ ଧରି ସେ ଦ୍ୱାଦଶ ପୁରୁଷ
ତୋଷେଣ ନାମ ତାକୁ ଦିଲେ ଭାରଦ୍ୱାଦଶ । ୭୩ । ସଂଖ୍ୟା
ପୁତ୍ର ଉପୁଜାଇ ସେ ବାତୁଳୀ ନାଶ ଗଲା
ଅମର ପୁରେ ସୁରନାଥଙ୍କୁ ଦ୍ରଶନ ସେହୁ କଲା । ୭୪ ।
ଦେଖିଣ ସାନନ୍ଦ ଯେ ହୋଇଲେ ମଘବାନ
ଶାପକୁ ଅନଗୃହ କଲେ ସୁରରାଜ ପୁଣ । ୭୫ ।
ବିଶ୍ୱଦେବା ସମର୍ପିଲେ ଯଦୁ ମହାଋଷିଙ୍କି
ସେ ନେଇ ପାଳିଲେ ଅଗ୍ୟାନ ବାଳ ଶିଷିକି । ୭୬-୩୩୪୬ ।
------
୭୨ ।୨ ଦ୍ୱାଦଶ ବିଶ୍ୱଦେବା ବୀର୍ଯ୍ୟ ସଙ୍ଗ ହେଲା ।
ଦ୍ୱାଦଶ ବିଶ୍ୱଦେବାଙ୍କ ସଙ୍ଗମେ ହୋଇଲା ।
*******